# ଉଇକିପିଡ଼ିଆ ପ୍ରସଙ୍ଗର ମାନନିର୍ଣ୍ଣୟ

ଉଇକିପିଡ଼ିଆ ସାହାଯ୍ୟରେ

# ଉଇକିପିଡ଼ିଆ

## ଏଯାବତ ସଙ୍କଳିତ ହୋଇଥିବା ସର୍ବବୃହତ ଜ୍ଞାନକୋଷ ।ଏହା ଶତାଧିକ ଭାଷାରେ ଉପଲବ୍ଧ ।

ଅନ୍ୟସବୁ ପାରମ୍ପରିକ ଜ୍ଞାନକୋଷର ଲେଖାପଦ୍ଧତି ବଦଳରେ ଉଇକିପିଡ଼ିଆ ଖୋଲା ସମ୍ପାଦନା ପଦ୍ଧତି ବ୍ୟବହାର କରିଥାଏ ।ଯେ କେହି ଏଥିରେ ଲେଖି ବା ପ୍ରସଙ୍ଗ ସମ୍ପାଦନ କରି ସିଧାସଳଖ ଭାବେ ଅବଦାନ କରିପାରିବେ,, ତେଣୁ ପ୍ରସଙ୍ଗ ଗୁଡ଼ିକ ବିଭିନ୍ନ ମାନର ହୋଇଥାଏ ।ଗୋଟିଏ ପ୍ରସଙ୍ଗର ମାନ ଉଚ୍ଚକୋଟିର ନା ନିମ୍ନମାନର ଜାଣିବା ଆପଣଙ୍କ ପରି ପାଠକଙ୍କ ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ।

**ଉଇକିପିଡ଼ିଆ ପସ ର ମାନ ନି ଣୟ** ପଢିବା ପରେ ଆପଣ ସ ମ ହେବେ::

- » ଉଇକିପିଡ଼ିଆ ପସ ର କମୋନତି କିପରି ହୁଏ ବୁଝିବାରେ
- » ଗୋଟିଏ ଉଇକିପିଡ଼ିଆ ପସ ର ମାନନିଣୟ କରିବାରେ

### ଉଇକିପିଡ଼ିଆ କ'ଣ?

ଉଇକିପିଡ଼ିଆ,, ବ୍ୟକ୍ତିଗତ ସାକ୍ଷାତକାର ଭଳି ପ୍ରାଥମିକ ବା ଗବେଷଣାତ୍ମକ ନିବନ୍ଧ ଓ ଖବର ଭଳି ଦ୍ୱିତୀୟକ ସ୍ରୋତ ନୁହେଁ ।ଉଇକିପିଡ଼ିଆ ଏକ ଜ୍ଞାନକୋଷ ।ପ୍ରାଥମିକ ଓ ଦ୍ୱିତୀୟକ ସ୍ରୋତରୁ ସଂଗୃହିତ ତଥ୍ୟଗୁଡ଼ିକୁ ସଜାଇ ଗୋଟିଏ ପ୍ରସଙ୍ଗ ବିଷୟରେ ସମ୍ୟକ ଧାରଣା ଦେବା ପାଇଁ ଏହା ତିଆରି କରାଯାଇଥାଏ ।ଅନ୍ୟ ସମସ୍ତ ଜ୍ଞାନକୋଷ ଭଳି ଉଇକିପିଡ଼ିଆକୁ ପ୍ରାରମ୍ଭିକ ସୋପାନ ଭାବେ ବ୍ୟବହାର କରାଯିବା ଉଚିତ ।ଏହା ଏକ ପ୍ରସଙ୍ଗ ବିଷୟରେ ମୋଟାମୋଟି ଧାରଣା ଦେବା ସହ ଉଚ୍ଚକୋଟିର ପ୍ରାଥମିକ ଓ ଦ୍ୱିତୀୟକ ସ୍ରୋତ ଖୋଜିବାରେ ସାହାଯ୍ୟ କରେ ।

### ଉଇକିପିଡ଼ିଆ ଆପଣ ୁ ସାହାଯ କରେ :

- » ଗୋଟିଏ ପ୍ରସଙ୍ଗ ବିଷୟରେ ମୋଟାମୋଟି ଧାରଣା ନିମନ୍ତେ
- » ଗୋଟିଏ ପ୍ରସଙ୍ଗବାବଦରେ ଅନୁମୋଦିତ ଲେଖାଗୁଡ଼ିକର ତାଲିକା ପାଇବାରେ
- » ଏକା ଧରଣର ପ୍ରସଙ୍ଗ ଖୋଜିବାରେ

# ଉଇକିପିଡ଼ିଆ ପ୍ରସଙ୍ଗଗୁଡ଼ିକ କିପରି ତିଆରି କରାଯାଏ ?

ଉଇକିପିଡ଼ିଆର ପ୍ରସଙ୍ଗଗୁଡ଼ିକ ସମ୍ପୂର୍ଣ୍ଣଭାବେ ଥରକରେ ତିଆରି ହୁଏନାହିଁ ।ପ୍ରସଙ୍ଗ ଗୁଡ଼ିକର କ୍ରମୋନ୍ନତି ଅନେକ ଅଲଗା ଅଲଗା ବ୍ୟବହାରକାରୀଙ୍କ ସହଯୋଗରେ ,ଅନେକ ଥରର ସମ୍ପାଦନ ପରେ ହୋଇଥାଏ ।ଜଣେ ଅବଦାନକାରୀ ପ୍ରସଙ୍ଗଟିଏ ଆରମ୍ଭ କରିଥାଇ ପାରନ୍ତି ,ଅନ୍ୟ ଜଣେ ଅଧିକ ବିବରଣୀ ଯୋଡ଼ନ୍ତି ,ପୁଣି ଆଉ କେହି ଲେଖାଟିର ସଜାଣିରେ ବଦଳ କରି ଏହାକୁ ଅଧିକ ପଠନ ଉପଯୋଗୀ କରନ୍ତି ।କୌଣସି ଜଣେ ବ୍ୟକ୍ତିଙ୍କ " ମାଲିକାନାରେ " ପ୍ରସଙ୍ଗ ନଥାଏ ,ଏହା ବହୁତ ଲୋକଙ୍କର ସମ୍ମିଳିତ ଚେଷ୍ଟାର ପରିଣାମ ,ଯେଉଁମାନେ ଏହି ପ୍ରସଙ୍ଗ ଗୁଡ଼ିକ ପଛରେ ବହୁତ ସମୟ ବିନିଯୋଗ କରିଥାନ୍ତି ।

# ଗୋଟିଏ ପ୍ରସଙ୍ଗର କ୍ରମୋନ୍ନତିର ପର୍ଯ୍ୟବେକ୍ଷଣ

ଆପଣ ପୃଷ୍ଠା ଉପରେ ଥିବା **ଇତିହାସ ଦେଖିବେ** ବୋତାମ ଟିପି ପ୍ରତ୍ୟେକ ପ୍ରସଙ୍ଗର କିପରି କ୍ରମୋନ୍ନତି ହୋଇଛି ଜାଣି ପାରିବେ । ସେଠାରେ ପ୍ରସଙ୍ଗଟିର ସମସ୍ତ ପୂର୍ବତନ ସଂସ୍କରଣ ଉପଲବ୍ଧ ।




ଇତିହାସ ଦେଖିବେ ପୃଷ୍ଠାରେ,, ପ୍ରତ୍ୟେକ ଧାଡ଼ି ପ୍ରସଙ୍ଗଟିର ଗୋଟିଏ ସଂସ୍କରଣକୁ ସୂଚିତ କରେ । ତାରିଖଉପରେ ଟିପି ସେହି ସଂସ୍କରଣଟିକୁ ଦେଖିପାରିବେ । ଆପଣ ଦେଖିବେ ପ୍ରତ୍ୟେକ ସଂସ୍କରଣ ଏହାକୁ ସମ୍ପାଦନ କରିଥିବା ବ୍ୟବହାରକାରୀ ଙ୍କ ସହ ଯୋଡ଼ିତ ।

ଆପଣ ଚାହୁଁଥିବା ଦୁଇଟି ସଂସ୍କରଣର ରେଡ଼ିଓ ବୋତାମକୁ ବାଛି "ବଛାହୋଇଥିବା ସଙ୍କଳନ ଗୁଡ଼ିକୁ ତଉଲିବେ" କୁ ଦବାଇ ଆପଣ ଦୁଇଟି ସଂସ୍କରଣ ମଧ୍ୟରେ ତୁଳନାତ୍ମକ ଅଧ୍ୟୟନ କରିପାରିବେ । ଆପଣ ଦୁଇଟି ସ୍ତମ୍ଭ ଦେଖିବାକୁ ପାଇବେ:: ବାମପଟେ ପୁରୁଣା ସଂସ୍କରଣ ଓ ଡାହାଣ ପଟେ ନୂତନ ସଂସ୍କରଣ । ଦୁଇଟି ସଂସ୍କରଣ ମଧ୍ୟରେ ଥିବା ଫରକ ନାଲି ଅକ୍ଷରରେ ଦେଖାଯିବ । ଆପଣ ଏହି ବୈଶିଷ୍ଟ୍ୟକୁ ବ୍ୟବହାର କରି ଦୁଇଟି ସଂସ୍କରଣ ମଧ୍ୟରେ କଣ ଘଟିଛି - କେଉଁ ତଥ୍ୟ ଯୋଡ଼ାଯାଇଛି ଓ କେଉଁ ତଥ୍ୟ ବାଦ ଦିଆଯାଇଛି ଜାଣିପାରିବେ ।



| ଆଗ ସଙ୍କଳନ | | ନଗଦ ସଙ୍କଳନ |
|---|---|---|
| During her **own** lifetime, Austen's works brought her little fame and only a few positive reviews. Through the mid-nineteenth century, her novels were admired only by a literary elite. However, the publication of her nephew's "A Memoir of the Life of Jane Austen" in 1870 **made** her life and **her** works **visible** to a wider public. By the 1940s, Austen was firmly ensconced in academia as a "great English writer" and the second half of the twentieth century saw a proliferation of Austen scholarship**,** **exploring** many aspects of her **works**: artistic, ideological, and historical. Currently, Austen's works are **one of** the most **written-about** and debated "[[oeuvre]]s" in the **academy**.{{Factldate=February 2008}} **In popular culture, a [[Janeite]] fan culture has grown up centred on Austen's life, her works, and the various adaptations of them.** | + | During her lifetime, Austen's works brought her little fame and only a few positive reviews. Through the mid-nineteenth century, her novels were admired only by a literary elite. However, the publication of her nephew's "A Memoir of the Life of Jane Austen"**,** in 1870**,** **introduced** her life and works to a wider public. By the 1940s, Austen was firmly ensconced in academia as a "great English writer"**,** and the second half of the twentieth century saw a proliferation of Austen scholarship **that** **explored** many aspects of her **novels**: artistic, ideological, and historical. Currently, Austen's works are **among** the most **studied** and debated "[[oeuvre]]s" in the **field of academic literary criticism**. {{Factldate=February 2008}} |

# How contributors im

Most people think of Wikipedia as only encyclopedia articles, but a great de al of work takes place behind the scenes, as well: about half of the edits ma de to Wikipedia are made to pages other than the articles. Contributors disc uss how articles should evolve, evaluate the quality of sources, and set out editorial policies. These pages and discussions are open for public scrutiny, just like the articles themselves, if you know where to look.

Each article has its own **Discussion page**. At the top of each article is a link labeled “Discussion”. Click on it and you will see how much deliberation has gone into creating the article. Mayb

# Evaluating arti

The quality of Wikipedia articles varies widely; many are very good, but som e lack depth and clarity, or contain bias, or are out of date. On the English la nguage Wikipedia, there are formal processes for the best articles to be ide ntified as "**good articles**" or "**featured articles**", but the

›

›

# Elements of qua

ସାଧାରଣତଃ ଭଲଭାବେ ଲେଖାହୋଇଥିବା ପ୍ରସଙ୍ଗ ଗୁଡିକରେ ପାଞ୍ଚଟି ଉପାଦାନ ନିହିତ ଥାଏ । ପ୍ରଥମେ ଉପକ୍ରମ ଯାହା ପ୍ରସଙ୍ଗଟି ବିଷୟରେ ଗୋଟିଏ ସମ୍ୟକ ଧାରଣା ଦେଇଥାଏ,, ଗୋଟିଏ ଭଲ ଗଢ଼ଣ,, ସମତୁଲ ଲେଖା,, ନିରପେକ୍ଷ ବିଷୟ ବସ୍ତୁ ଓ ଭରସାଯୋଗ୍ୟ ଆଧାର ।

- ଉପକ୍ରମ ଭାଗଟି ବୋଧଗମ୍ୟ ଓ ପ୍ରସଙ୍ଗଟିର ମୁଖ୍ୟ ଅଂଶ ଗୁଡ଼ିକୁ ସମ୍ୟକ ଭାବେ ଦର୍ଶାଇଥାଏ । ଉଦାହରଣ ସ୍ୱରୂପ ଗୋଟିଏ ଜୀବନି ଲେଖାର ଉପକ୍ରମ ଭାଗରେ ବ୍ୟକ୍ତି ଜଣକ କେଉଁଥିପାଇଁ ପ୍ରସିଦ୍ଧ ଓ ସେ କେଉଁଠାରେ ବସବାସ କରୁଥିଲେ ଉଲ୍ଲେଖ ଥିବ କିନ୍ତୁ ତାଙ୍କ ପିଲାଦିନ ବାବଦରେ ବିସ୍ତୃତ ବିବରଣୀ ନ ଥିବ ଯାହାକି ଏକ ପରବର୍ତ୍ତୀ ଭାଗରେ ରହିବା ଅଧିକ ଉଚିତ ହେବ ।

- ଗଢ଼ଣଟି ସୁସଂଜତ ହୋଇଥିବ । ପ୍ରସଙ୍ଗଟିରେ ଅନେକ ଶୀର୍ଷକ ଓ ଉପଶୀର୍ଷକ,, ଚିତ୍ର ଓ ଦରକାର ଜାଗାରେ ନକ୍ସା ଏବଂ ଶେଷରେ ଦ୍ରଷ୍ଟବ୍ୟ ଓ ପାଦଟୀକା ରହିଥାଏ । ଅଧିକାଂଶ ପ୍ରସଙ୍ଗ କାଳକ୍ରମ ଅନୁଯାୟୀ ବା ବିଷୟବସ୍ତୁ ଅନୁଯାୟୀ ଲେଖାଯାଇଥାଏ ।

- ପ୍ରସଙ୍ଗଟିର ସମସ୍ତ ଦିଗ ସମତୁଲ ଥିବ । କୌଣସି ଦିଗ ପ୍ରସଙ୍ଗ ଅପେକ୍ଷା ଅଧିକ ଗୁରୁତ୍ୱ ବହନ କରୁନ ଥିବ ଓ ସମସ୍ତ ଦିଗ ବାବଦରେ ଲେଖାଯାଇଥିବ । ଗୁରୁତ୍ୱପୂର୍ଣ୍ଣ ଅଂଶଗୁଡ଼ିକ ବାବଦରେ ପ୍ରସଙ୍ଗଟିରେ ଅଧିକ ଲେଖାଯାଇଥିବ । ଉଦାହରଣ ସ୍ୱରୂପ ଗୋଟିଏ ବିରାଡ଼ି ପ୍ରଜାତି ବାବଦରେ ଲେଖାଯାଇଥିବା ପ୍ରସଙ୍ଗଟିରେ ପ୍ରଜାତିର ପ୍ରକୃତି ବାବଦରେ ବିସ୍ତୃତ ବିବରଣୀ ଥାଇ ଏହାର ଶାରିରୀକ ବୈଶିଷ୍ଟ୍ୟ ବାବଦରେ ଅତି ଅଳ୍ପ ବା କିଛି ଲେଖାଯାଇନଥିବା ସମତୁଲ ନଥିବା ସୁଚିତ କରିଥାଏ ।

- ନିରେପେକ୍ଷ ଲେଖା । ପ୍ରସଙ୍ଗଗୁଡ଼ିକ କୌଣସି ପକ୍ଷପାତ ବିନା ଲେଖାଯିବା ଦରକାର;; ଯେଉଁଠି ଅବଦାନକାରୀମାନଙ୍କ ମଧ୍ୟରେ ମତାନ୍ତର ଥିବ,, ସେଠାରେ ବିଭିନ୍ନ ମତଗୁଡ଼ିକ ସମାନୁପାତିକ ଭାବେ ଉପସ୍ଥାପିତ ହେବା ଉଚିତ । ଉଭୟ ସପକ୍ଷ ଓ ବିପକ୍ଷ ମତ ଉପଲବ୍ଧ ଆଧାର ଅନୁସାରେ ରହିବା ଉଚିତ । ଭଲ ପ୍ରସଙ୍ଗ ଗୁଡ଼ିକରେ ତଥ୍ୟ ଉପରେ ଗୁରୁତ୍ୱ ଦିଆଯାଇ ନିରପେକ୍ଷ ଭାଷା ମଧ୍ୟ ବ୍ୟବହାର କରାଯାଇଥାଏ ।

- ବିଶ୍ୱସଯୋଗ୍ୟ ସ୍ରୋତର ଅବଲମ୍ବନ ଗୁରୁତ୍ୱପୂର୍ଣ୍ଣ । ଭଲ ପ୍ରସଙ୍ଗଗୁଡ଼ିକର ତଳେ ପର୍ଯ୍ୟାପ୍ତ ପାଦଟୀକା ଥାଏ । ପ୍ରସଙ୍ଗଟିରେ ଯଦି ଆପଣ ଉଚ୍ଚକୋଟିର ପ୍ରକାଶନଗୁଡ଼ିକୁ ସଂଖ୍ୟାଧିକ ଲିଙ୍କ ଦେଖୁଛନ୍ତି ତେବେ ଏହା ଆପଣ ଏକ ଉଚ୍ଚକୋଟିର ଲେଖା ପଢୁଥିବାର ସଙ୍କେତ । ଚନ୍ଦ୍ର ବିଷୟକ ପ୍ରସଙ୍ଗଟିରେ ସୌଖିନ ମହାକାଶବିଜ୍ଞାନୀଙ୍କ ଡାଏରୀ ବଦଳରେ ନାସାର ୱେବସାଇଟକୁ ଲିଙ୍କ ଥିବା ଉଚିତ ।

# Signs of ba

ଯଦି ଗୋଟିଏ ପ୍ରସଙ୍ଗରେ ଦୁଇଟିରୁ ଅଧିକ ନିମ୍ନସୁଚିତ ସଙ୍କେତ ଥାଏ,, ତେବେ ଆପଣ ଅନ୍ୟ ଭଲ ଲେଖା ଖୋଜିବା ଉଚିତ ।(ତାପରେ ଉଇକିପିଡ଼ିଆ କୁ ଆସି ସେହି ଆଧାର ଗୁଡ଼ିକର ବ୍ୟବହାରରେ ପ୍ରସଙ୍ଗଟିର ମାନକୁ ଉନ୍ନତ କରିବେ!!)

ପ୍ରସଙ୍ଗଟିର ଉପରେ ଏକ ସତର୍କ ପଟି ଥାଏ ।ଅଧିକାଂଶ ସତର୍କ ପଟିରେ କେବଳ ସୁଚନା କିମ୍ବା ଅନୁରୋଧ ଥାଏ,, ଯେପରିକି ଅତି ଛୋଟ ପ୍ରସଙ୍ଗଟିକୁ ବଡ଼ କରିବା ନିମନ୍ତେ ଅନୁରୋଧ ।ଏହା ବେଳେ ବେଳେ ପ୍ରସଙ୍ଗଟିର ନିରପେକ୍ଷତା ବାବଦରେ ଅସମାହିତ ଦ୍ୱନ୍ଦ ଓ ଆଧାରର ଗୁଣବତ୍ତା ବାବଦରେ ମଧ୍ୟ ନିର୍ଦ୍ଦେଶିତ କରିଥାଏ ।

ଉପକ୍ରମରେ ଅନେକ ଭାଷା ସମସ୍ୟା ଥାଏ । ଉପକ୍ରମର ସମସ୍ୟାଟି ସମଗ୍ର ପ୍ରସଙ୍ଗଟିରେ ଥିବା ସମସ୍ୟାଗୁଡ଼ିକୁ ସୁଚିତ କରିଥାଏ ।ଅତି ଛୋଟ ଉପକ୍ରମଣିକା ପ୍ରସଙ୍ଗଟିର ମାମଗ୍ରିକ ଗଠନକୁ ଦୃଷ୍ଟିରେ ନ ରଖି ଗଠନ କରାଯାଇଥିବା ବାବଦରେ ସୁଚିତ କରିଥାଏ ।

ଲେଖାଟିରେ ଆଧାରବିହୀନ ମତ ଓ ପକ୍ଷପାତୀ ମନ୍ତବ୍ୟ ଥାଏ,, ଯେଉଁ ଗୁଡ଼ିକ ନିରପେକ୍ଷ ନଥାଏ ଏବଂ ସେସବୁ ହଟାଯିବା ଉଚିତ ।ଉଦାହରଣ ସ୍ୱରୂପ "ସେ ସର୍ବଶ୍ରେଷ୍ଠ କଣ୍ଠଶିଳ୍ପୀ"" ବଦଳରେ ଲେଖାଟିରେ "ଅନ୍ୟ ସମସ୍ତ କଣ୍ଠଶିଳ୍ପୀଙ୍କ ତୁଳନାରେ ସେ ସର୍ବାଧିକ ୧୪ଟି ପ୍ରସିଦ୍ଧ ଗୀତ ଗାୟନ କରିଛନ୍ତି"" ଲେଖାଯିବା ଉଚିତ ।

ପ୍ରସଙ୍ଗଟି "କିଛି"", "ଅନେକ"" ଓ ଅନ୍ୟ 'ନାମହୀନ ଗୋଷ୍ଠୀ'କୁ ସୁଚିତ କରିଥାଏ ।ଏପରି ମନ୍ତବ୍ୟ ଅତି ସାଧାରଣ ଏବଂ ଏସବୁ ନିର୍ଦ୍ଦିଷ୍ଟ ତଥ୍ୟ ଦ୍ୱାରା ବଦଳ କରାଯିବା ଉଚିତ ।

ପ୍ରସଙ୍ଗଟିର କେତେକ ପକ୍ଷ ସୂଚୀ ଓ କଳେବରରେ ନଥାଏ ।ଉଦାହରଣ ସ୍ୱରୂପ ଗୋଟିଏ ଜୀବନି ପ୍ରସଙ୍ଗରେ ଛଡ଼ାଯାଇଥିବା ନାୟକଙ୍କ ଜୀବନର ଗୋଟିଏ ବୃହତ ସମୟ ଯାହା ସୁଚିତ କରିଥାଏ ଯେ,, ଏହା ନାୟକଙ୍କ ଜୀବନର କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ନିରୁଦ୍ଦିଷ୍ଟ ଥିବ ।

କେତେକ ଭାଗ ଗୁରୁତ୍ୱ ତୁଳନାରେ ମାତ୍ରାଧିକ ଲମ୍ବା ଥାଏ ।ଉଦାହରଣ ସ୍ୱରୂପ ଗୋଟିଏ ଉଦ୍ୟୋଗ ବାବଦରେ ଲିଖିତ ଛୋଟ ପ୍ରସଙ୍ଗଟିଏରେ ଅଧିକ ଲମ୍ବା ସମାଲୋଚନା ଭାଗ ଯାହା ସୁଚିତ କରିଥାଏ ଯେ ପ୍ରସଙ୍ଗଟି ଉଦ୍ୟୋଗ ବିରୋଧି ମତ ଦ୍ୱାରା ପ୍ରଭାବିତ ।

ପ୍ରସଙ୍ଗଟିରେ ସ୍ୱଳ୍ପ ସଂଖ୍ୟକ ଆଧାର ଥାଏ କିମ୍ବା ଅଧିକାଂଶ ଭାଗରେ ପାଦଟୀକା ନଥାଏ ।ପ୍ରସଙ୍ଗଟି ଯଦି ସ୍ୱଳ୍ପ ସଂଖ୍ୟକ ଆଧାରରେ ରଚିତ ତେବେ ଏହା ହୁଏତ ସମ୍ପୂର୍ଣ୍ଣ ତଥ୍ୟ ବିନା ଲେଖାଯାଇଥିବ ।

Ambox warning pn.svg The discussion page is filled with hostile dialogue. If the editors working on the article are not finding common ground, the article may be heavily biased in one direction, or may reflect too much detail about one the controversial aspect of its subject without sufficient attention to less controversial aspects.

# What to do with articl

### What should you do when you find an arti

If you have the time or the knowledge, please consider correcting the problems yo urself by clicking **Edit** at the top of the article, changing the text and clicking **Sav**

**1)** Check if the problem is temporary, such as somebody trying to remove a section that is unflattering about their hero. Click View history and look through the last few edits.

**2)** If the problem lies in the last edits you can click undo and instantly repair the damage. If the problem has been around for a longer perio d or if you do not possess the knowledge to fix it, leave a comment on the D

## ଉଇକିପିଡ଼ିଆର ସଠିକତା କୁ ଆପଣ ବିଶ୍ୱାସ କରିବେ କି??

ଜଣେ ସାମ୍ବାଦିକ ବା ଛାତ୍ର ହିସାବରେ ଆପଣ ଭରସାଯୋଗ୍ୟତାର ଗୁରୁତ୍ୱ ବିଷୟରେ ଏକମତ ହେବେ । ଅନେକଙ୍କ ପାଇଁ ଉଇକିପିଡ଼ିଆର ବ୍ୟବହାର ଅନେକାଂଶର ମାନକ ଭଳି,, କିନ୍ତୁ ଆପଣ ଗୁଣାତ୍ମକ ତଥ୍ୟ ପାଉଥିବା ବାବଦରେ କିପରି ନିଶ୍ଚିତ ହେବେ??

ଉଇକିପିଡ଼ିଆ ପ୍ରସଙ୍ଗର ମାନ ନିର୍ଣ୍ଣୟ ନିର୍ଦ୍ଧିଷ୍ଟ ସୋପାନ ଥିବା ଗୋଟିଏ ଆଧାର ନିର୍ଦ୍ଦେଶକ,, ଏହା ବ୍ୟବହାର କରି ଉଇକିପିଡ଼ିଆ ବାବଦରେ ଓ ଉଇକିପିଡ଼ିଆରେ ଗୁଣବତ୍ତାପ୍ରଣାଳୀ କିପରି କାର୍ଯ୍ୟକରେ ଜାଣିପାରିବେ ।

**ଉଇକିମିଡ଼ିଆ ଫାଉଣ୍ଡେସନ**
୧୪୯ ନ୍ୟୁ ମଣ୍ଟେଗୋମରୀ ଷ୍ଟ୍ରୀଟ,, ତୃତୀୟ ମହଲା
ସାନଫ୍ରାନସିସ୍କୋ,, କାଲିଫର୍ଣ୍ଣିଆ,, ୯୪୧୦୫, ଯୁକ୍ତରାଷ୍ଟ୍ର ଆମେରିକା

ଉଇକିମିଡ଼ିଆ ଫାଉଣ୍ଡେସନ ଏକ ଅଣଲାଭକାରୀ ଦାତବ୍ୟ ସଂସ୍ଥା ଯିଏ ଉଇକିପିଡ଼ିଆ ଓ ଅନ୍ୟାନ୍ୟ ମୁକ୍ତ ୱେବସାଇଟ ପରିଚାଳନା କରିଥାଏ ।

ଅଧିକ ପୁସ୍ତିକା:: http://bookshelf.wikimedia.org

WIKIMEDIA
FOUNDATION